# 1989ର ଓଡିଶା ଅଧିନିୟମ 1

## କୁଷ୍ଠରୋଗୀ (ଓଡିଶା ନିରସନ) ଅଧିନିୟମ, 1986

(5 ଫେବୃୟାରୀ 1987ରେ ରାଷ୍ଟ୍ରପତିଙ୍କ ସମ୍ମତି ପ୍ରାପ୍ତ, ଫେବୃୟାରୀ 23 ତାରିଖ 1987ରେ ଓଡିଶା ଗେଜେଟର ଏକ ଅସାଧାରଣ ସଂସ୍କରଣରେ ପ୍ରଥମେ ପ୍ରକାଶିତ)

---------

କୁଷ୍ଠରୋଗୀ ଅଧିନିୟମ, 1989ର ପ୍ରୟୋଗକୁ ଓଡିଶା ରାଜ୍ୟରେ ନିରସନ କରିବା ପାଇଁ ଏକ ଅଧିନିୟମ ଭାରତ ଗଣରାଜ୍ୟର 37ତମ ବର୍ଷରେ ଓଡିଶା ରାଜ୍ୟର ବିଧାନ ମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମ ହେଉ :-

ସଂକ୍ଷିପ୍ତ ଶୀର୍ଷକ ଏବଂ ପ୍ରାରମ୍ଭ.

1. (1) ଏହି ଅଧିନିୟମଟି କୁଷ୍ଠରୋଗୀ (ଓଡିଶା ନିରସନ) ଅଧିନିୟମ, 1986 ନାମରେ ଅଭିହିତ ହେବ ।

(2) ରାଜ୍ୟ ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ, ଏହା ସେହି ତାରିଖ ଠାରୁ ଏହା କାର୍ଯ୍ୟକାରୀ ହେବ ।

1947ର ଓଡିଶା ଅଧିନିୟମ 24ର ନିରସନ.

2. ଏହି ଅଧିନିୟମ ପ୍ରାରମ୍ଭ ତାରିଖ ଠାରୁ କୁଷ୍ଠରେଗୀ ଅଧିନିୟମ, 1998ର ପ୍ରୟୋଗ ଓଡିଶା ରାଜ୍ୟରେ ନିରସିତ ହୋଇଯିବ ।

ସନ୍ଦେହର ଦୂରୀକରଣ.

3. ସନ୍ଦେହର ଦୂରୀକରଣ ନିମନ୍ତେ ଏଥିରେ ବ୍ୟବସ୍ଥା କରାଯାଇଛି ଯେ, ନିରସିତ ଅଧିନିୟମର ଧାରା 8 କିମ୍ବା 9 ଅଧିନରେ କରାଯାଇଥିବା କୌଣସି ଆଦେଶ କିମ୍ବା ଏହାର ଧାରା 8 ଅଧିନରେ କୌଣସି ଜାମିନ ଦ୍ୱାରା କରାଯାଇଥିବା କୌଣସି ବଣ୍ଡର, ଏହି ଅଧିନିୟମ କାର୍ଯ୍ୟକାରୀ ହେବା ଦିନଠାରୁ କୌଣସି ପ୍ରଭାବ ରହିବ ନାହିଁ ।